# ‘ମୃତ୍ତିକାର ଯତ୍ନ: ମାପ, ତଦାରଖ, ପରିଚାଳନା’ ଶୀର୍ଷକ ଆଲୋଚନାଚକ୍ର




କୋରାପୁଟ,୫।୧୨(ସମିସ) : ବିଶ୍ୱ ମୃତ୍ତିକା ଦିବସ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୃଷି ବିଭାଗ ଦ୍ୱାରା ‘ମୃତ୍ତିକାର ଯତ୍ନ: ମାପ, ତଦାରଖ, ପରିଚାଳନା’ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଇ-ଲର୍ଣ୍ଣିଂ ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୃତ୍ତିକା ସ୍ୱାସ୍ଥ୍ୟ ସଚେତନତା ଓ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ତଥା ଭାରପ୍ରାପ୍ତ କୁଳସଚିବ ପ୍ରଫେସର ଏନସି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବେଦ ଓ ପୁରାଣ ଭଳି ପ୍ରାଚୀନ ଭାରତୀୟ ଗ୍ରନ୍ଥରୁ ଉଦାହରଣ ନେଇ ଦୈନନ୍ଦିନ ଜୀବନରେ ମାଟିର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମୃତ୍ତିକା ସଂରକ୍ଷଣକୁ ପ୍ରାଥମିକତା ଦେବା ଏବଂ ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପ୍ରଫେସର ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। କୃଷି ବିଭାଗର ମୁଖ୍ୟ ଡ. ମଞ୍ଜୁଶ୍ରୀ ସିଂ ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ବିଶ୍ୱ ମୃତ୍ତିକା ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗର ସହକାରୀ ପ୍ରଫେସର ଡ. ଅନୁପମ ଡାକୁଆ ମୃତ୍ତିକା ସଂରକ୍ଷଣ, ସ୍ଥାୟୀ ଚାଷ କୌଶଳ ଓ ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଅଭିନବ ପଦ୍ଧତି ଆଦି ବିଷୟ ଉପରେ ଆଲୋକପାତ କରିଥିଲେ। ବାରାଣସୀର ବିଏଚୟୁର ସମ୍ପ୍ରସାରଣ ଶିକ୍ଷା ବିଭାଗମୁଖ୍ୟ ପ୍ରଫେସର କଲ୍ୟାଣ ଘଡେଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ଐତିହ୍ୟରେ ମାଟିର ସାଂସ୍କୃତିକ ଓ କୃଷିଗତ ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ଦୀର୍ଘକାଳୀନ ପରିବେଶ ସନ୍ତୁଳନ ସୁନିଶ୍ଚିତ କରିବା ପାଇଁ ସ୍ଥାୟୀ ଅଭ୍ୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷି ଓ ପଶୁପାଳନ ଓ ଦୁଗ୍ଧ ଚାଷ ବିଭାଗର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ସମ୍ପଦ ମାଟିର ସଂରକ୍ଷଣ ଦିଗରେ ଦାୟିତ୍ୱବୋଧ ହାସଲ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି।

# ମୃତ୍ତିକାର ଯତ୍ନ, ପରିଚାଳନା ଉପରେ ଗୁରୁତ୍ୱ

## ବିଶ୍ୱ ମୃତ୍ତିକା ଦିବସ

କୋରାପୁଟ,୫।୧୨ (ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଇ-ଲର୍ଣ୍ଣ ସେଣ୍ଟରରେ କୃଷି ବିଭାଗ ଆନୁକୂଲ୍ୟରେ 'ମୃତ୍ତିକାର ଯତ୍ନ, ମାପ, ତଦାରଖ, ପରିଚାଳନା' ଶୀର୍ଷକ ନେଇ ବିଶ୍ୱ ମୃତ୍ତିକା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୃତ୍ତିକା ସ୍ୱାସ୍ଥ୍ୟ ସଚେତନତା ଏବଂ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ତଥା କୁଳସଚିବ ପ୍ରଫେସର ଏନ୍.ସି. ପଣ୍ଡାଙ୍କ ଅଧ୍ୟକ୍ଷତାରେ ଦୈନନ୍ଦିନ ଜୀବନରେ ମାଟିର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମୃତ୍ତିକା ସଂରକ୍ଷଣକୁ ପ୍ରାଥମିକତା ଦେବା ଏବଂ ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ସଚେତନତା ସୃଷ୍ଟିକରିବାକୁ ପ୍ରଫେସର ପଣ୍ଡାଙ୍କ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କୃଷି ବିଭାଗର ମୁଖ୍ୟ ଡ. ମଞ୍ଜୁଶ୍ରୀ ସିଂ, ସହକାରୀ ପ୍ରଫେସର ଡ. ଅନୁପମ ଡାକୁଆ ମୃତ୍ତିକା ସଂରକ୍ଷଣ, ସ୍ଥାୟୀ ଚାଷ କୌଶଳ ଓ ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଅଭିନବ ପଦ୍ଧତି ଆଦି ବିଷୟ ଉପରେ କହିଥିଲେ। ଅଂଶଗ୍ରହଣକାରୀଙ୍କୁ ମୃତ୍ତିକା କ୍ଷୟ ଏବଂ ଉର୍ବରତା ହ୍ରାସ ଭଳି ସମସ୍ୟାର ସମାଧାନ ନେଇ ବ୍ୟବହାରିକ ରଣନୀତି ଦିଆଯାଇଥିଲା। ବାରାଣସୀର ବିଏଚ୍ୟୁର ସମ୍ପ୍ରସାରଣ ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର କଲ୍ୟାଣ ଘଡେଇ, ପ୍ରଫେସର ଘଡେଇ ଭାରତୀୟ ଐତିହ୍ୟରେ ମାଟିର ସାଂସ୍କୃତିକ ଓ କୃଷିଗତ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କୃଷି,ପଶୁପାଳନ ଓ ଦୁଗ୍ଧ ଚାଷ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବିଶ୍ୱ ମୃତ୍ତିକା ଦିବସ




କୋରାପୁଟ, ୫ ।୧୨(କାର୍ଯ୍ୟାଳୟ) : ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୃଷି ବିଭାଗ ଆନୁକୂଲ୍ୟରେ 'ମୃତ୍ତିକାର ଯତ୍ନ: ମାପ, ତଦାରଖ, ପରିଚାଳନା' ଶୀର୍ଷକ ବିଷୟବସ୍ତୁ ସହିତ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ଇ-ଲର୍ଣ୍ଣିଂ ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୃତ୍ତିକା ସ୍ୱାସ୍ଥ୍ୟ ସଚେତନତା ଏବଂ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଭାରପ୍ରାପ୍ତ କୁଳପତି ତଥା ଭାରପ୍ରାପ୍ତ କୁଳସଚିବ ପ୍ରଫେସର ଏନ୍.ସି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୈନନ୍ଦିନ ଜୀବନରେ ମାଟିର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ମୃତ୍ତିକା ସଂରକ୍ଷଣକୁ ପ୍ରାଥମିକତା ଦେବା ଏବଂ ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପ୍ରଫେସର ପଣ୍ଡାଙ୍କ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । କୃଷି ବିଭାଗର ମୁଖ୍ୟ ଡ. ମଞ୍ଜୁଶ୍ରୀ ସିଂ ଉପସ୍ଥିତ ଲୋକଙ୍କୁ ସ୍ୱାଗତ କରିବା ସହ ବିଶ୍ୱ ମୃତ୍ତିକା ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ବିଭାଗର ସହକାରୀ ପ୍ରଫେସର ଡ. ଅନୁପମ ଡାକୁଆ ମୃତ୍ତିକା ସଂରକ୍ଷଣ, ସ୍ଥାୟୀ ଚାଷ କୌଶଳ ଓ ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଅଭିନବ ପଦ୍ଧତି ଉପରେ ମତ ରଖିଥିଲେ । ଆଲୋଚନାରେ ଅଂଶଗ୍ରହଣକାରୀମାନଙ୍କୁ ମୃତ୍ତିକା କ୍ଷୟ ଏବଂ ଉର୍ବରତା ହ୍ରାସ ଭଳି ସମସ୍ୟାର ସମାଧାନ ପାଇଁ ବ୍ୟବହାରିକ ରଣନୀତି ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ବାରାଣସୀର ବିଏଚୟୁର ସମ୍ପ୍ରସାରଣ ଶିକ୍ଷା ବିଭାଗମୁଖ୍ୟ ପ୍ରଫେସର କଲ୍ୟାଣ ଘଡେଇ ଯୋଗଦେଇଥିଲେ । ପ୍ରଫେସର ଘଡେଇ ଭାରତୀୟ ଐତିହ୍ୟରେ ମାଟିର ସାଂସ୍କୃତିକ ଓ କୃଷିଗତ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ ।